# ରେଭେନ୍ସା ବିଶ୍ୱବିଦ୍ୟାଳୟ

## କଟକ

## <u>ସୂଚନା</u>

ସଂଖ୍ୟା : ୨୩୦୭ ତାରିଖ - ୧୩-୦୮-୨୦୨୪

ଉଚ୍ଚ ଶିକ୍ଷ୍ୟା ବିଭାଗ, ଓଡିଶା ସରକାରଙ୍କ ପତ୍ର ସଂଖ୍ୟା : ୩୧୨୮୭/ ଉ. ଶି. ତା ୦୯.୦୮.୨୦୨୪ ଅନୁଯାୟୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ସହିତ "ତ୍ରିରଙ୍ଗା ଯାତ୍ରା" ନିମ୍ନମତେ ୧୫ ଅଗଷ୍ଟ ୨୦୨୪ ତାରିଖ ଦିନ ପୂର୍ବାହ୍ନ ୮.୩୦ ସମୟରେ ଅନୁଷ୍ଠିତ ହେବ । ଏଣୁ ବିଶ୍ୱବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ, ଶିକ୍ଷକ ଓ କର୍ମଚାରୀବୃନ୍ଦ ଉକ୍ତ ତ୍ରିରଙ୍ଗା ଯାତ୍ରା ରେ ବହୁମାତ୍ରାରେ ଯୋଗଦାନ କରି ଏହାକୁ ସାଫଲ୍ୟ ମଣ୍ଡିତ କରିବାକୁ ଅନୁରୋଧ ।

**ସବିଶେଷ କାର୍ଯ୍ୟକ୍ରମ :**

ଏହି କାର୍ଯ୍ୟକ୍ରମକୁ ଛାତ୍ର ମଙ୍ଗଳ ଅଧିକାରୀ (DSW), ଜାତୀୟ ସମରଶିକ୍ଷାର୍ଥୀ ବାହିନୀ (NCC), ରାଷ୍ଟ୍ରୀୟ ସେବା ଯୋଜନା (NSS) ଓ ୟୁଥ ରେଡ କ୍ରସ (YRC) ର ଅଧିକାରୀ ମାନେ ପରିଚାଳନା କରିବେ । ଏଥିନିମନ୍ତେ ଦିବା ୮.୩୦ ଘଟିକାରୁ ଜାତୀୟ ପତାକା ଉତ୍ତୋଳନ ସ୍ଥାନରୁ ଏହି ତ୍ରିରଙ୍ଗା ଯାତ୍ରା ଆରମ୍ଭ ହୋଇ ନୂତନ ଛାତ୍ରାବାସ, ଛାତ୍ରୀ ନିବାସ, କୁଳପତି କାର୍ଯାଳୟ, ଉଦ୍ଭିଦ ବିଜ୍ଞାନ ବିଭାଗ ଦେଇ ପତାକା ଉତ୍ତୋଳନ ସ୍ଥାନରେ ସମାପିତ ହେବ । ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିବାରୁ ଶୃଙ୍ଖଳାର ସହ ଜାତୀୟ ଦେଶାତ୍ମବୋଧକ ସ୍ଲୋଗାନ ଦେଇ ଧାଡିରେ ଯିବା ପାଇଁ ଅନୁରୋଧ ।

କୁଳସଚିବ

ରେଭେନ୍ସା ବିଶ୍ୱବିଦ୍ୟାଳୟ

ସଂଖ୍ୟା : ୨୩୦୮ ତାରିଖ - ୧୩-୦୮-୨୦୨୪

ଏହାର ଏକାକୀତା ନକଲ ସମସ୍ତ ସୂଚନା ଫଳକରେ ଲଗେଇବା ପାଇଁ ପ୍ରଦାନ କରାଗଲା ।

ଏହାର ଏକାକୀତା ନକଲ ଛାତ୍ର ମଙ୍ଗଳ ଅଧିକାରୀ (DSW), ଜାତୀୟ ସମରଶିକ୍ଷାର୍ଥୀ ବାହିନୀ (NCC), ରାଷ୍ଟ୍ରୀୟ ସେବା ଯୋଜନା (NSS) ଓ ୟୁଥ ରେଡ କ୍ରସ (YRC) ର ଅଧିକାରୀ ମାନଙ୍କୁ କାର୍ଯ୍ୟ ନିର୍ବାହ କରିବାପାଇଁ ପ୍ରଦାନ କରାଗଲା / କୁଳସଚିବଙ୍କ କାର୍ଯ୍ୟାଳୟ / କୁଳପତିଙ୍କ କାର୍ଯାଳୟକୁ ପ୍ରଦାନ କରାଗଲା ।

ଏହାର ଏକାକୀତା ନକଲ କୁଳସଚିବଙ୍କ କାର୍ଯ୍ୟାଳୟ / କୁଳପତିଙ୍କ କାର୍ଯାଳୟରେ ସୂଚନା ନିମନ୍ତେ ପ୍ରଦାନ କରାଗଲା ।

କୁଳସଚିବ

ରେଭେନ୍ସା ବିଶ୍ୱବିଦ୍ୟାଳୟ